# ଅଲ ଓଡିଶା ୟୁନିୟନ ବ୍ୟାଙ୍କ ଏମ୍ପ୍ଲୟୀଜ ଆସୋସିଏସନ

AOUBEA

(AIUBEF ସହ, ଏବଂ AOBEF ମାଧ୍ୟମରେ BEFI ସହ, ଅନୁବନ୍ଧିତ), ସ୍ଥାପିତ - ୦୭-୦୮-୧୯୭୭

ରେଜିଷ୍ଟ୍ରେସନ ନଂ.- ୧୩୪୨/୨୩-୦୨-୧୯୮୧ (ଭାରତୀୟ ଶ୍ରମିକ ସଂଗଠନ ଆଇନ ୧୯୨୬)

କାର୍ଯ୍ୟାଳୟ - ମାର୍ଫତ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ, ନୟାପଲ୍ଲୀ ଶାଖା, ଭୁବନେଶ୍ୱର – ୭୫୧ ୦୧୫

e-mail :- aoubea@gmail.com, ୱେବ ସାଇଟ୍ www.aoubea.org


ପରିପତ୍ର ସଂଖ୍ୟା :- ୨୫-୨୦୧୮ ଭୁବନେଶ୍ୱର

**ପ୍ରାପ୍ତେଷୁ – ଶାଖା ପ୍ରତିନିଧି ଏବଂ ସମସ୍ତ ସଦସ୍ୟଗଣ,** ୦୧.୧୨.୨୦୧୮

**୧୧ତମ ଦ୍ୱିପାକ୍ଷିକ ରାଜିନାମା : -** ୩୦.୧୧.୨୦୧୮ ତାରିଖ ଦିନ ମଜୁରୀ ବୃଦ୍ଧି ରାଜିନାମା ବାବଦରେ **IBA** ଓ **UFBU** ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ **IBA** ଆଗରୁ ଦେଇଥିବା ୬ % ଜାଗାରେ ୮% ମଜୁରି ବୃଦ୍ଧିର ପ୍ରସ୍ତାବ ଦେଇଥିଲା ଓ ଏହାପରେ ସମସ୍ତ ବ୍ୟାଙ୍କର ଲାଭ କ୍ଷତି ଅନୁସାରେ ମଜୁରି ବୃଦ୍ଧି କରାଯିବ । କିନ୍ତୁ **UFBU** ଏହି ପ୍ରସ୍ତାବ ଆମ ଆଶା ଠାରୁ ବହୁତ କମ ବୋଲି କହି ସିଧା ସଳଖ ପ୍ରତ୍ୟାଖାନ କରିଥିଲା। ଏବଂ ସ୍କେଲ **VII** ପର୍ଯ୍ୟନ୍ତ ଅଫିସର ମାନଙ୍କୁ ଏଥିରେ ସାମିଲ କରିବାକୁ ଅନୁମତି ଦେବାକୁ **IBA** କୁ କହିଥିଲା । **IBA** ଏହାକୁ ପ୍ରତ୍ୟାଖାନ କରିଥିଲା ।

**ଧର୍ମଘଟ :-** UFBUର **୩୦.୧୧.୨୦୧୮ ତାରିଖରେ ହୋଇଥିବା ବୈଠକର ନିଷ୍ପତି ଅନୁଯାୟୀ ସରକାରଙ୍କ ତିନୋଟି ବ୍ୟାଙ୍କର ମିଶ୍ରଣ ପ୍ରକ୍ରିୟାକୁ ବୀରୋଧ କରି ଆଗାମୀ ୨୬.୧୨.୨୦୧୮ ତାରିଖରେ ସର୍ବଭାରତୀୟ ଧର୍ମଘଟ ର ଆହ୍ୱାନ ଦିଆଯାଇଛି । ସାଥିମାନେ ଏଥି ପ୍ରତି ସଜାଗ ରହି ଧର୍ମଘଟକୁ ନିଶ୍ଚିତ ସଂପୂର୍ଣ୍ଣ ସଫଳ କରିବେ ।**

**ଜାନୁୟାରୀ ୭ ଓ ୮ ସର୍ବ ଭାରତୀୟ ଧର୍ମଘଟ :-** କେନ୍ଦ୍ର ସରକାର ଶ୍ରମିକ ମାନଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ବଡ ବଡ ଶିଳ୍ପ ପ୍ରତି ଆହେତୁକ ଅନୁକମ୍ପା ପ୍ରଦର୍ଶନ ବିରୁଦ୍ଧରେ,ଦେଶର ଅର୍ଥନିତୀକୁ ବିପଥଗାମୀ ଆରିବା ବିରୁଦ୍ଧରେ ଓ କୃଷକ,ଶ୍ରମିକ,ଦିନମଜୁରିଆ ମାନଙ୍କ ଅଧିକାରକୁ ସଙ୍କୁଚିତ କାରିବା ବିରୁଦ୍ଧରେ **CITU** ଡାକରରେ ଦେଶର ଆଗୁଆ ଶ୍ରମିକ ସଂଗଠନ INTUC, AITUC, HMS, AIUTUC, TUCC, SEWA, AICCTU, LPF, UTUC, AIRF ଓ NFIR ଏହି ଧର୍ମଘଟରେ ସାମିଲ ହୋଇଛନ୍ତି । ଆମ ପ୍ରିୟ ସଂଗଠନ BEFI ମଧ ଏହି ଧର୍ମଘଟ ରେ ସାମିଲ ହୋଇଛି । GIC, LICଓ ଅନେକ ଶ୍ରମିକ ସଂଗଠନ ଏଥିରେ ସାମିଲ ଅଛନ୍ତି । ଆମେ ନିଶିତ ଏହି ଧର୍ମଘଟରେ ସାମିଲ ହୋଇ ଏହାକୁ ସଫଳ କାରିବା ପାଇଁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କାରିବା ।

**ବ୍ରହ୍ମପୁର କ୍ଲଷ୍ଟର ମିଟିଂ :-** **ଗତ ୨୪.୧୧.୨୦୧୮ ତାରିଖ ଦିନ କମାପାଲି ଶାଖା ଠାରେ ଆମ ରାଜ୍ୟ ସଂଗଠନ ତରଫରୁ ବ୍ରହ୍ମପୁର ଓ ଗଜପତି ଜିଲ୍ଲା ଦ୍ୱୟରେ ଥିବା ସମସ୍ତ ଶାଖାର ସାଥିମାନଙ୍କ ଉପସ୍ତିତିରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଶ୍ରୀଯୁକ୍ତ ଅଶୋକ ଦାଶ ଏହି ସଭା ପରିଚାଳନା କରିଥିଲେ । ଏହି ବୈଠକରେ ମୁଖ୍ୟତ ଗୋଟିଏ ଇସୁ ଉପରେ ଆଲୋଚନା ହୋଇଥିଲା "ବ୍ୟାଙ୍କ ଦ୍ୱାରା ଏମ୍ପ୍ଲୋୟୀଜ୍ ମାନଙ୍କୁ ସେୟାର ବିକ୍ରି ପାଇଁ ଯୋଜନା" ଏହି ବୈଠକରେ 22 ଜଣ ସାଥି ଉପସ୍ଥିତ ଥିଲେ । ସଭାର ପ୍ରାରମ୍ଭରେ ଆମ ରାଜ୍ୟ ସଂଗଠନର ବରିଷ୍ଠ ନେତୃତ୍ୱ ସାଥି ଶ୍ରୀଯୁକ୍ତ ଅଶୋକ ଦାଶ ତାଙ୍କର ଅଭିଭାଷଣରେ ସରକାର କିଭଳି ଭାବରେ ଚକ୍ରାନ୍ତ କରି ବ୍ୟାଙ୍କ ମାନଙ୍କ ଅଂଶଧନକୁ କମାଇବାରେ ବ୍ୟସ୍ତ , ଆମ ବ୍ୟାଙ୍କ କିପରି ସରକାରଙ୍କ ଯୋଜନାକୁ ତରବାରିଆ ଭାବେ ଲାଗୁ କରିବାପାଇଁ କର୍ମଚାରୀ ମାନଙ୍କୁ ଜବରଦସ୍ତ ଏଥିରେ ସାମିଲ କରି ପରୋକ୍ଷରେ ସେମାନଙ୍କ ଟ୍ରେଡ ୟୁନିଅନ୍ ଅଧିକାରକୁ ସବୁଦିନ ପାଇଁ ବନ୍ଦ କରିଦିଆଯିବ ସେଇ ଚକ୍ରାନ୍ତ ଆରମ୍ଭ କରିଛନ୍ତି ଓ ଅତୀତରେ କିଭଳି ଭାବରେ ଆମେ ସମସ୍ତେ ଏକଜୁଟ୍ ହୋଇ ସେୟାର କିଣାକୁ ଅଗ୍ରାହ୍ୟ କରିଥିଲୁ ତାହା ପୁଂଖାନୁ ପୁଂଖ ଆଲୋଚନା କରିଥିଲେ । ପରବର୍ତ୍ତୀ ବକ୍ତା ଶ୍ରୀଯୁକ୍ତ ପ୍ରତାପ ଚୌଧୁରୀ (ଇଣ୍ଡିଆନ ବ୍ୟାଙ୍କର ସର୍ବଭାରତୀୟ ନେତୃତ୍ୱ ) ବୁଝାଇଥିଲେ ଯେ ସେୟାର କିଣିଲେ କିପ୍ରକାର ସବୁ ଅସୁବିଧା ହେବ ଓ ପରୋକ୍ଷରେ ଆମେ ସମଗ୍ର ବ୍ୟଙ୍କିଙ୍ଗ ଶିଳ୍ପକୁ ଘରୋଇକରଣ କରିବା ଦିଗରେ ସାହାଯ୍ୟ କରିବା । ଏହାପରେ ଆମ ସଂଗଠନର ସାଧାରଣ ସମ୍ପାଦକ ଅଜୟ କୁମାର ମହାନ୍ତି ଆହ୍ୱାନ ଦେଇଥିଲେ ଯେ ଏହି ସେୟାର ବିକା ବୁରଦ୍ଧ ରେ ସମସ୍ତ କର୍ମଚାରୀ ମାନେ ଆମ କେନ୍ଦ୍ରୀୟ ଫେଡେରେସନ୍ ର ନିଷ୍ପତି ଅନୁଯାୟୀ ସର୍ବ ଭାରତୀୟ ସ୍ତରରେ ଏହାକୁ ବିରୋଧ କରିବା । ଏହାପରେ ସାଥିମାନେ ନିଜ ନିଜ ଶାଖାରେ ଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସର୍ବଶେଷରେ ବ୍ରହ୍ମପୁର ଶାଖାର ସାଥି ସୁଧାମୟ ମିଶ୍ର ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ । ଶ୍ରୀଯୁକ୍ତ ଅଶୋକ ଦାଶ ଏହି ସଭା ପରିଚାଳନା କରିଥିଲେ ।**

**ସାଥୀଗଣ ଆମ କେନ୍ଦ୍ରୀୟ ଫେଡେରେସନ ନିଷ୍ପତି ଅନୁସାରେ ଏହାକୁ ଆମେ ବିରୋଧ କରିବା ଏବଂ ଅତୀତରେ ଆମେ ଯେଉଁ ଲଢୁଆ ମନୋବୃତିର ପରିଚୟ ଦେଖାଇଛନ୍ତି ତାହାକୁ ଆଉଥରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଠାରେ ପ୍ରଦର୍ଶନ କରି ଏହି ସେୟାର କିଣାକୁ ଦୃଢତାର ସହ ବୀରୋଧ କାରିବା ପାଇଁ ଶପଥ ନେବା । ବର୍ତ୍ତମାନ ଆମ ବ୍ୟାଙ୍କରେ ସରକାରୀ ଅଂଶଧନ ରହିଛି ୬୭.୪୩ % (ନମ୍ବର ରେ ୭୮,୭୯,୧୪,୫୮୧) ପବ୍ଲିକ**

ସେୟାର ହିସାବରେ ୩୨.୫୭ % ଅର୍ଥାତ ୯୧୨୧ କୋଟି ଟଙ୍କା । ଯଦି ଆମ ବ୍ୟାଙ୍କ ୬୦୦ କୋଟି ଟଙ୍କା ସେୟାର ବିକ୍ରି ବାବଦରେ ଷ୍ଟାଫ୍ ଙ୍କ ଠାରୁ ଗ୍ରହଣ କରେ ତେବେ ଆପାତତଃ ୬.୫୮% ପୁଣି ସରକାରୀ ଅଂଶଧନ କମିକି ୬୦.୮୫ % ରେ ପହଞ୍ଚିବ । ଏହିପରି ଭାବରେ ଯଦି ଅଂଶଧନ କମି କମି ଯିବ ତେବେ ସେଇ ଦିନ ଦୂର ନାହିଁ ଯେଉଁ ଦିନ ସରକାରୀ ଅଂଶଧନ ୫୧ % ରୁ କମ୍ ହେବ ଓ ଆମ ବ୍ୟାଙ୍କ ଘରୋଇକରଣ ହୋଇଯିବ । ନିମ୍ନରେ ଆମ ବ୍ୟାଙ୍କ ଅଂଶଧନର ସଂପୂର୍ଣ୍ଣ ବିବରଣୀ ।

| କ୍ରମିକ ନଂ | ଅଂଶଧନ ଧାରକଙ୍କ ନାମ | ସଂଖ୍ୟା | ଅଂଶଧନ ସଂଖ୍ୟାରେ | ଶତକଡା (%) |
|---|---|---|---|---|
| ୧ | ଭାରତର ରାଷ୍ଟ୍ରପତି (ଭାରତ ସରକାର) | - | ୭୮୭୯୧୪୫୮୧ | ୬୭.୪୩ |
| ୨ **ପବ୍ଲିକ ଅଂଶଧନ** | | | | |
| ଇନଷ୍ଟିଚ୍ୟୁସନ୍ | ମିଉଚୁଆଲ ଫଣ୍ଡ/ୟୁ ଟି ଆଇ | ୧୭ | ୮୯୩୭୯୮୩୪ | ୦୭.୬୫ |
| | ଫାଇନାନସିଅଲ ଇନଷ୍ଟିଚ୍ୟୁସନ୍/ବ୍ୟାଙ୍କ | ୧୦ | ୬୯୦୫୨୫୪ | ୦୦.୫୯ |
| | କେନ୍ଦ୍ର ସରକାର /ରାଜ୍ୟ ସରକାର | ୩ | ୧୦୭୪୦ | - |
| | ଇଂସୁରାନ୍ସ କମ୍ପାନୀ | ୫ | ୧୨୬୮୮୮୭୯ | ୧୦.୮୫ |
| | କ୍ୱାଲିଫାଏଡ ଫରେନ ଇନଭେଷ୍ଟର | ୧୧୬ | ୬୦୯୫୭୯୩୩ | ୦୫.୨୨ |
| ୩ **ନନ୍ ଇନଷ୍ଟିଚ୍ୟୁସନ୍** | | | | |
| | ଇଣ୍ଡିଭିଜୁଆଲ ସେଯାର ହୋଲଡର | ୨୪୬୩୦୫ | ୭୭୫୯୫୩୪୨ | ୦୬.୬୪ |
| | ଅନ୍ୟାନ୍ୟ | ୩୦୩୨ | ୧୮୯୨୦୮୧୮ | ୦୧.୬୨ |
| **ମୋଟ** | | | | ୧୦୦ |

: **"Public and holding more than 1% of the Total No.of Shares" in UNION BANK OF INDIA**

| No. | Name of the Shareholder | Total Shares held | Shares as % of Total No. of Shares |
|---|---|---|---|
| 1 | Non-Resident Indian (NRI) | 1,553,285 | 0.13 |
| 2 | Life Insurance Corporation of India | 113,323,195 | 9.7 |
| 3 | HDFC Trustee Company Ltd - A/c HDFC Mid - Cap opportunities Fund | 39,429,328 | 3.37 |
| 4 | ICICI Prudential Balanced Advantage Fund | 27,724,929 | 2.37 |
| 5 | Trusts | 241,706 | 0.02 |
| 6 | Overseas corporate bodies | 3,059 | 0 |
| 7 | Foreign Nationals | 218 | 0 |
| 8 | Clearing Members | 1,890,844 | 0.16 |
| 9 | Bodies Corporate | 15,172,132 | 1.3 |
| 10 | Unclaimed or Suspense or Escrow Account | 27,583 | 0 |

**୨୬ ଡିସେମ୍ବର ଧର୍ମଘଟ ସଫଳ କର – ସଫଳ କର –ସଫଳ କର**

**ଜାନୁୟାରୀ ୮,୯ ଧର୍ମଘଟ ସଫଳ କର – ସଫଳ କର –ସଫଳ କର**

AOUBEA **ଜିନ୍ଦାବାଦ୍**

AIUBEF **ଜିନ୍ଦାବାଦ୍**

**BEFI** ଜିନ୍ଦାବାଦ୍

ଅଜୟ କୁମାର ମହାନ୍ତି
ସାଧାରଣ ସମ୍ପାଦକ